# ତହସିଲ କାର୍ଯ୍ୟାଳୟ, କଲ୍ୟାଣସିଂହପୁର

## ଦୀର୍ଘ ମିଆଦି ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା..206.......  ତାରିଖ 10. 01 .୨୦୨୦

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଲ୍ୟାଣସିଂହପୁର ତହସିଲ ଅନ୍ତର୍ଗତରେ ଥିବା ନିମ୍ନଲିଖିତ ସୌରାତ ଉତ୍ସ ଗୁଡିକ ଦିର୍ଘ ମିଆଦି ଲିଜ୍ ସୁତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ୍ 2016/2017 OMMC(Amendment )Rules- 2016/2017 ମୁତାବକ ଆସନ୍ତା ୫ ବର୍ଷ ନିମନ୍ତେ ଅର୍ଥାତ ୨୦୧୯-୨୦ ଆର୍ଥିକ ବର୍ଷଠାରୁ ୨୦୨୩-୨୪ ପର୍ଯ୍ୟନ୍ତ ଲିଜ୍ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC(Amendment )Rules- ୨୦୧୬-୨୦୧୭ ଦ୍ୱାରା ପ୍ରଣୀତ Form-M, ପୁରଣ କରି ୩ଟି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ କଲ୍ୟାଣସିଂହପୁର ତହସିଲଦାରଙ୍କୁ ରେଜେଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ (ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖାଥିବା ଆବଶ୍ୟକ) । ନିଲାମ ଧାର୍ଯ୍ୟ ତାରିଖର ପୂର୍ବ ଦିନ ଅପରାହ୍ନ ଘ.୧ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ ରାୟଗଡ଼ାଙ୍କ ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ** ୧. ଦରଖାସ୍ତ ପାଉଣା ବାବଦ ଟ.୧୦୦୦ଙ୍କା (ଅଣଫେରସ୍ତ)ର ଟ୍ରେଜରୀ ଚାଲାଣ । ୨. ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହାଦୀର ସମ୍ପୂର୍ଣ୍ଣ ବିବରଣୀ ସଂପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳକରି ସଂଲଗ୍ନ କରିବେ । ୩. ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ । ୪. ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ Solvency Certificate ସହ ଅସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର । ୫. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା. ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ।

**ବିଶେଷ ସର୍ତ୍ତାବଳୀ** ୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ OMMC (Amendment Rules- ୨୦୧୬/୨୦୧୭ ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ । ୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲିଟିର ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ନିଲାମଧାରୀ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟରେ ଲିଜ୍‌ଧାରୀ ଚୟନ କରାଯିବ । ୩. ଲିଜ୍‌ଧାରୀ କ୍ଷମତାପାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୂଡାନ୍ତ ଦିବସର ୭ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ସଂପୃକ୍ତ ତହସିଲଦାର ନିକଟରେ ଦାଖଲ କରିବେ ।